

## ପ୍ରତିଷ୍ଠାତାଙ୍କ ଲେଖନୀରୁ...

ମନୁଷ୍ୟକୁ ମନୁଷ୍ୟ କରିବାକୁ ହେଲେ କେବଳ ଶରୀରକୁ ଚାହିଁଲେ ଚଳିବ ନାହିଁ । ଅବଶ୍ୟ ଶରୀର ବରାବର ଛାଡ଼ିଦେବାର ଜିନିଷ ନୁହେଁ, ମାତ୍ର ଶରୀର ସଙ୍ଗେ ମନର ବିକାଶ ବାଞ୍ଛନୀୟ । ('ସତ୍ୟବାଦୀ', ୨ୟଖଣ୍ଡ,୧୯୧୭)

ସମାଜ

# ଆଇଆଇଟି ଓ ରାଜନୀତି

ଆଇଆଇଟି ହେଉ ଅଥବା ଆଇଆଇଏମ, କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଅବା ଏମ୍ସ, ଏଭଳି ଜାତୀୟସ୍ତରର ଅନୁଷ୍ଠାନ ସ୍ଥାପନ ପଛରେ ସର୍ବଦା ସରକାରୀ ନିଷ୍ଠାଠାରୁ ରାଜନୀତି ଅଧିକ ପରିଲକ୍ଷିତ ହୋଇଆସୁଛି । ପରିବର୍ତ୍ତିତ ପରିସ୍ଥିତିରେ ଜନସଂଖ୍ୟା ବୃଦ୍ଧି ଓ ଆଞ୍ଚଳିକ ଅଭିଳାଷକୁ ଦୃଷ୍ଟିରେ ରଖି ଯେତେବେଳେ ଅଧିକ ଜାତୀୟ ସ୍ତରର ପ୍ରତିଷ୍ଠାନ ଖୋଲିବାର ଆବଶ୍ୟକତା ଉପଲବ୍ଧ ହେଉଛି ସେତେବେଳେ ଏହାକୁ ନେଇ ରାଜନୀତି ହେବା ସ୍ୱାଭାବିକ । ଏବେ କେତେକ ନୂଆ ଆଇଆଇଟି ସ୍ଥାପନକୁ କେନ୍ଦ୍ରକରି ଜାତୀୟ ସ୍ତରରେ ବେଶ ଆଲୋଡ଼ନ ସୃଷ୍ଟି ହୋଇଛି । ଓଡ଼ିଶାରେ ଏକ ଆଇଆଇଟି ପ୍ରତିଷ୍ଠା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦାବି ଉଠାଇ ବାରମ୍ବାର କେନ୍ଦ୍ର ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ଏହା ଏକ ରାଜନୈତିକ ରୂପ ନେଇଛି ।

କେନ୍ଦ୍ର ସରକାର, ବିଶେଷକରି ମାନବସମ୍ବଳ ବିକାଶ ମନ୍ତ୍ରଣାଳୟ ଓଡ଼ିଶାର ଦାବି ପ୍ରତି ଉତ୍ସାହଜନକ ମନୋଭାବ ପ୍ରଦର୍ଶନ ନ କରିବାରୁ ସମଗ୍ର ଘଟଣାଟି ବିବାଦୀୟ ମୋଡ଼ ନେଇଛି । ଅପରପକ୍ଷେ ଆନ୍ଧ୍ରପ୍ରଦେଶ ଭଳି କେତେକ କଂଗ୍ରେସଶାସିତ ରାଜ୍ୟରେ ନୂଆ ଆଇଆଇଟି ପ୍ରତିଷ୍ଠା ନିଷ୍ପତ୍ତି ଓଡ଼ିଶା ଭଳି ରାଜ୍ୟର କଟା ଘା'ରେ ଚୂନ ଦେବା ସଦୃଶ ।

ଓଡ଼ିଶା ଦେଶର ଦରିଦ୍ରତମ ପ୍ରଦେଶ ହୋଇଥିଲେ ହେଁ ଶିକ୍ଷା, ବୈଷୟିକ ଜ୍ଞାନକୌଶଳ ଓ ପ୍ରଯୁକ୍ତି ବିଦ୍ୟାକୁ ଆଧାର କରି ଏହାର ଲୋକଶକ୍ତି କ୍ରମଶଃ ବିକାଶଧାରାରେ ସାମିଲ ହେଉଛନ୍ତି । ଏହାର ସିଧାସଳଖ ପ୍ରଭାବ ରାଜ୍ୟର ସାମାଜିକ, ଆର୍ଥିକ, ବୈଷୟିକ ଓ ଅନ୍ୟାନ୍ୟ କ୍ଷେତ୍ରକୁ ପ୍ରଭାବିତ କରୁଛି । ଖଣିଜ ସମ୍ପଦରେ ସମୃଦ୍ଧ ଓଡ଼ିଶାରେ ଏବେ ବହୁ ଶିଳ୍ପାନୁଷ୍ଠାନ ମୁଣ୍ଡଟେକୁଛି ଉଦାରୀକରଣ ଓ ବିଶ୍ୱାୟନ ପ୍ରକ୍ରିୟା ଓଡ଼ିଶାକୁ ବିଶ୍ୱର ଅନ୍ୟତମ ଔଦ୍ୟୋଗିକ ଆକର୍ଷଣସ୍ଥଳରେ ପରିଣତ କରିଛି । ଆଗାମୀ ପଚାଶବର୍ଷ ଭାରତୀୟ ଶିଳ୍ପ ଇତିହାସରେ ଓଡ଼ିଶାର ପ୍ରଭୁତ୍ୱ ଜାହିର ହେବା ପ୍ରାୟ ନିଶ୍ଚିତ । ଏଭଳି ପରିସ୍ଥିତିରେ ଔଦ୍ୟୋଗିକ ଲୋକଶକ୍ତି ଓ ପ୍ରଯୁକ୍ତିବିଦ୍ୟାର ବିକାଶ ପାଇଁ ଜାତୀୟ ତଥା ଆନ୍ତର୍ଜାତିକ ମାନର ଅନୁଷ୍ଠାନ ଓଡ଼ିଶାରେ ପ୍ରତିଷ୍ଠା ହେବା ଆବଶ୍ୟକ । ଏଭଳି ପ୍ରତିଷ୍ଠାନ ସରକାରୀଭାବେ ପ୍ରତିଷ୍ଠା ହେଲେ ପ୍ରଚୁର କେନ୍ଦ୍ରୀୟ ସହାୟତା ସହ ଆବଶ୍ୟକ ଗବେଷଣା ଓ ଉନ୍ନୟନ ପାଇଁ ଏକ ସରଳ, ସ୍ୱାଭାବିକ ପ୍ରକ୍ରିୟା ସୃଷ୍ଟି ହୋଇପାରିବ । ଭାରତୀୟ ସଂଘୀୟ ବ୍ୟବସ୍ଥାରେ ଏକ ଅପେକ୍ଷାକୃତ ଅନଗ୍ରସର ରାଜ୍ୟର ଏଭଳି ଦାବିକୁ ଉପେକ୍ଷା କରାଯାଇ ନପାରେ ।

ଆମ ଦେଶରେ ଯେଉଁ ସବୁ ଆଇଆଇଟି ଏବେ ରହିଛି ସେଥିମଧ୍ୟରୁ ଅଧିକାଂଶ ଉତ୍ତର ଓ ଉତ୍ତର–ପୂର୍ବ ଭାରତରେ । ନୂଆଦିଲ୍ଲୀ, କାନପୁର ଏବଂ ବିଏଚ୍ୟୁ ସ୍ୱତନ୍ତ୍ର ଆଇଆଇଟି ପରେ ରୁଡ଼କୀ ଓ ଗୁଆହାଟିରେ ଆଉ ଦୁଇଟି ଆଇଆଇଟି ପ୍ରତିଷ୍ଠା ହୋଇଛି । ଏହା ସହିତ ଶିଲଂରେ ପୁଣି ଏକ ଆଇଆଇଟି ପ୍ରତିଷ୍ଠାକୁ କେନ୍ଦ୍ରସରକାର ମଞ୍ଜୁରି ଦେଇଛନ୍ତି । ଏହାଫଳରେ ଉତ୍ତର ଓ ଉତ୍ତର ପୂର୍ବାଞ୍ଚଳରେ ମାତ୍ରାଧିକ ଏଭଳି ଅନୁଷ୍ଠାନ ଖୋଲିଥିବାବେଳେ ଦେଶର ପୂର୍ବ, କେନ୍ଦ୍ର ପଶ୍ଚିମ ଓ ଦକ୍ଷିଣାଞ୍ଚଳରେ ଏହା ଜନସଂଖ୍ୟା ଓ ବୈଷୟିକ ଆବଶ୍ୟକତା ଅନୁପାତରେ ନଗଣ୍ୟ । ଏଥିରୁ ମନେ ହେଉଛି ଯେ ଆଞ୍ଚଳିକ ବା ପ୍ରାଦେଶିକ ଆବଶ୍ୟକତାଠାରୁ ରାଜନୈତିକ ବିଚାରକୁ ଅଗ୍ରାଧିକାର ଦିଆଯାଇ ଆଇଆଇଟି ପ୍ରତିଷ୍ଠା କରାଯାଉଛି ।

ଏନଡ଼ିଏ କ୍ଷମତାରେ ଥିବାବେଳେ ତତ୍କାଳୀନ ମାନବସମ୍ବଳ ବିକାଶ ମନ୍ତ୍ରୀ ମୁରଲୀମନୋହର ଜୋଷୀ ତାଙ୍କ ରାଜ୍ୟ ଉତ୍ତରପ୍ରଦେଶରେ ଆଉ ଏକ ଆଇଆଇଟି ଖୋଲିଥିବାବେଳେ ମେଣ୍ଟର ଅନ୍ୟତମ ଅଂଶୀଦାର ବିଜେଡ଼ିର ଦାବିକୁ ପାଶୋରିଦେଲେ । ସେତେବେଳେ ନବୀନ ପଟ୍ଟନାୟକ ଟିକିଏ ଜୋର ଦେଇଥିଲେ ଅବଶ୍ୟ ଦାବି ପୂରଣ ହୋଇପାରିଥାନ୍ତା । କେନ୍ଦ୍ରରୁ ନିଜ ସରକାର ଚାଲିଯିବାପରେ ପୁଣି ସେଇ ପୁରୁଣା ଦାବି ଉଠାଇ ୟୁପିଏ ସରକାରକୁ ଦୋଷଦେବା ଅର୍ଥ ନିଜ ତ୍ରୁଟିକୁ ଘୋଡ଼ାଇବା । ତଥାପି ଓଡ଼ିଶାର ଦାବି ଯେ ଯଥାର୍ଥ ଓ ଅବଶ୍ୟ ପୂରଣୀୟ, ଏହା କେନ୍ଦ୍ରସରକାର ମାନିନେବା ଉଚିତ ।